## କନିଷ୍ଠ ଯନ୍ତ୍ରୀଙ୍କୁ ମାଡ଼ମାରି ପୂର୍ବତନ ସରପଞ୍ଚ ଗିରଫ

ଆନନ୍ଦପୁର,(ସ୍ୱ.ପ୍ର.): କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡ ରାମଚନ୍ଦ୍ରପୁର ବିଦ୍ୟୁତ୍ ସେକ୍ସନ୍ କନିଷ୍ଠ ଯନ୍ତ୍ରୀ ରାକେଶ ପଲଙ୍କୁ ମାଡ଼ମାରି ସାଇଁକୁଳ ପୂର୍ବତନ ସରପଞ୍ଚ ବିଭାସ ନାୟକ ଗିରଫ ହୋଇଛନ୍ତି। ମଙ୍ଗଳବାର ଏକ ବେଆଇନ୍ ବିଦ୍ୟୁତ୍ ସଂଯୋଗ ଅଭିଯୋଗରେ ସାଇଁକୁଳ ଗ୍ରାମର ସୁଜିତ୍ ମହାନ୍ତିଙ୍କ ଘରେ ବିଦ୍ୟୁତ୍ ବିଭାଗ ଚଢ଼ାଉ କରିଥିଲା। ଏହି ସମୟରେ ପୂର୍ବତନ ସରପଞ୍ଚ ବିଦ୍ୟୁତ୍ କର୍ମଚାରୀଙ୍କୁ ଗାଳିଗୁଲଜ ସହ କନିଷ୍ଠ ଯନ୍ତ୍ରୀଙ୍କୁ ଆକ୍ରମଣ କରିଥିଲେ। ରାମଚନ୍ଦ୍ରପୁର ପୋଲିସ ମାମଲା (ନଂ .୨୭୬/୨୨) ରୁଜୁ କରି ତଦନ୍ତ କରୁଛି।

# ମାଳିମାହାରା ଏସ୍କେପ୍ ପରିଦର୍ଶନ କଲେ ନୂତନ ବିଧାୟକ

ଧାମନଗର,୧୬।୧୧(ଡି.ଏନ.ଏ)


ବିଧାୟକ ମଲିମାହାରା ଏସ୍କେପ ପରିଦର୍ଶନ କରୁଛନ୍ତି।

ଭଦ୍ରକ ଜିଲା ଧାମନଗରର ନବ ନିର୍ବାଚିତ ବିଧାୟକ ସୂର୍ଯ୍ୟବଂଶୀ ସୂରଜ ମଙ୍ଗଳବାର ବୈତରଣୀ ନଦୀର ଦୁଃଖ କୁହାଯାଉଥିବା ମାଳିମାହାରା ଏସ୍କେପ ପରିଦର୍ଶନ କରିଥିଲେ। ଉପ ନିର୍ବାଚନ ସମୟରେ କେନ୍ଦ୍ରମନ୍ତ୍ରୀ ବିଶେଶ୍ୱର ଟୁଡୁ ନିର୍ବାଚନ ପ୍ରଚାର ସମୟରେ ଜଳ ସମ୍ପଦ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କୁ ଧରି ଏକ ରିଭିୟୁ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ରିଭିୟୁ ପୂର୍ବରୁ ସୂର୍ଯ୍ୟବଂଶୀ ଏସ୍କେପ ଯାଇ ନିଜେ ସ୍ଥିତି ପରଖିଥିବା କହିଛନ୍ତି। ପରେ ଅପରାହ୍ନରେ ଆନନ୍ଦପୁର ପଞ୍ଚାୟତର ଉଡେଇପୁର ଗ୍ରାମର ବିଭିନ୍ନ ସ୍ଥାନ ଓ ସାଧାରଣ ଲୋକଙ୍କ ଘରେ ପହଞ୍ଚି କୃତଜ୍ଞତା ଜଣାଉଛନ୍ତି। ନିର୍ବାଚନ ପୂର୍ବରୁ ଆଶୀର୍ବାଦ ଭିକ୍ଷା କରି ବିଜୟୀ ହେବା ପରେ ସୂର୍ଯ୍ୟବଂଶୀ ଏବେ କୃତଜ୍ଞତା ଜ୍ଞାପନ ଯାତ୍ରା ଆରମ୍ଭ କରିଛନ୍ତି। ଲୋକମାନଙ୍କ ଘରକୁ ଯାଇ ଭେଟିଥିଲେ। ଅଧିକାଂଶ ସ୍ଥାନରେ ବିଧାୟକଙ୍କୁ ମହିଳାମାନେ ଫୁଲ, ଚନ୍ଦନଦେଇ ବନ୍ଦାପନା କରିଥିଲେ। ବିଧାୟକ ଉଡେଇପୁର୍, ନଡ଼ିଆବାଗ, ଜେନାସାହି, ଯାନକେଶ୍ୱର୍, ଦିହୁଡ଼ି କଚେରିବାଡ଼ି,

### ଜନତାଙ୍କୁ କୃତଜ୍ଞତା ଜଣାଇଲେ

ଜେନାସାହି, ପୃଷ୍ଟି ସାହି, ଦକ୍ଷିଣ କୁରୁଆ ଆଦି ଅଞ୍ଚଳ ବୁଲି ଲୋକମାନଙ୍କୁ ଭେଟି କୃତଜ୍ଞତା ଜଣାଇବା ସହ ସାଧାରଣ ଲୋକଙ୍କ ସମସ୍ୟା ପଚାରି ବୁଝିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ମୁକୁନ୍ଦଦେବ ମଣ୍ଡଳ ସଭାପତି ଅରବିନ୍ଦ ପତି, ପୂର୍ବତନ ସରପଞ୍ଚ ବିଜୟ ଦାସ, ପୂର୍ବତନ ସମିତି ସଭ୍ୟ ରମେଶ ଚନ୍ଦ୍ର ପତି, ମୀନାକ୍ଷୀ ଶତପଥୀ, ପ୍ରମୋଦ ଆଦିଆ, ବୃନ୍ଦାବନ ମହାନ୍ତି, କୁଳମଣି ଶତପଥୀ, ନାରାୟଣ ଚନ୍ଦ୍ର ପୃଷ୍ଟି, ପ୍ରମୋଦ ବେହେରା, ତପନ ବାରିକ, ତରଣୀ ଜେନା, ମନ୍ମଥ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ଟୋଲ୍‌ଗେଟ୍‌ରେ ନିଯୁକ୍ତି ପାଇଁ ଜିଲାପାଳଙ୍କୁ ଦାବିପତ୍ର


ଜନ ପ୍ରତିନିଧିମାନେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

ଭଣ୍ଡାରିପୋଖରୀ, ୧୬।୧୧(ସ୍ୱ.ପ୍ର)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ୍ ଦେଇ ଯାଇଥିବା ୧୬ନଂ. ଜାତୀୟ ରାଜପଥର ଛତାରଠାରେ ଏକ ଶୁଳ୍କ ଆଦାୟ ଫାଟକ(ଟୋଲ ଗେଟ) କାର୍ଯ୍ୟକ୍ଷମ ହୋଇଛି। ନିୟମ ଅନୁସାରେ ଟୋଲ ଗେଟ ପରିଚାଳନା ଦାୟିତ୍ୱ ନେଇଥିବା କମ୍ପାନୀ ଏଠାରେ ସ୍ଥାନୀୟ ଯୁବକଙ୍କୁ ନିଯୁକ୍ତି ଦେଇଛନ୍ତି। ଏହା ସତ୍ତ୍ୱେ ଆଉ କିଛି ନିଯୁକ୍ତି ମିଳିବ ବୋଲି କମ୍ପାନୀ କର୍ତ୍ତୃପକ୍ଷ କହିଛନ୍ତି। ତେଣୁ ଭବିଷ୍ୟତରେ ଯଦି ଏହା କାର୍ଯ୍ୟକାରୀ ହୁଏ ତେବେ ଟୋଲ୍ ଗେଟ ସଂଲଗ୍ନ ଗ୍ରାମର ଯୁବକମାନଙ୍କୁ ନିଯୁକ୍ତି ଦେବାକୁ ସ୍ଥାନୀୟ ଜନପ୍ରତିନିଧିମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ଏକ ଦାବିପତ୍ର ଭଦ୍ରକ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବନ୍ଦୋରଙ୍କୁ ପ୍ରଦାନ କରାଯାଇଛି। ପଞ୍ଚାୟତ ସମିତି ଅଧ୍ୟକ୍ଷା ସୁମତୀ ସେଠୀଙ୍କ ନେତୃତ୍ୱରେ ଜିଲା ପରିଷଦ ସଭ୍ୟ ଲକ୍ଷ୍ମୀଧର ସାହୁ, ସରପଞ୍ଚ ଧନେଶ୍ୱର ଖୁଣ୍ଟିଆ, ସୌମ୍ୟରଞ୍ଜନ ଜେନା, ସତ୍ୟାନନ୍ଦ ମହାପାତ୍ର, ସୁଶାନ୍ତ ମଲ୍ଲିକ, ମାୟାଧର ଜେନା ପ୍ରମୁଖ ନିଯୁକ୍ତି ଦାବି କରିବା ସହିତ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

# ଆକ୍ରୋଶର ଶିକାର ହେଲେ ଆର୍ଆଇ

ବାରିପଦା ଅଫିସ/ବଡ଼ସାହି,୧୬।୧୧

ମୟୂରଭଞ୍ଜ ଜିଲା ବଡ଼ସାହି ତହସିଲ ଅଞ୍ଚଳରୁ ବେଆଇନ ବାଲି ଚୋରିକୁ ରୋକିବାକୁ ଯାଇ ଜଣେ ରାଜସ୍ୱ ନୀରିକ୍ଷକ(ଆର୍ଆଇ) ଆକ୍ରୋଶର ଶିକାର ହୋଇଛନ୍ତି। ଏ ସଂକ୍ରାନ୍ତରେ ବଡସାହି ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା (ନଂ.୩୧୪/୨୨) ରୁଜୁ କରି ତଦନ୍ତ ଜାରି ରଖିଛି। ଅଭିଯୁକ୍ତମାନେ ହେଲେ କୁଳିଅଣା ଗ୍ରାମର ସୁମନ୍ତ ନାୟକ ଓ ଚକ୍ରଧରପୁର ଗ୍ରାମର ଜଗନ୍ନାଥ ବେହେରା।

ସୂଚନାଯୋଗ୍ୟ, ବଡ଼ସାହି ତହସିଲ ଅଧୀନରେ ଥିବା ଦୁଇଟି ବାଲି ସଇରାତ ନ୍ୟାସନାଲ ଗ୍ରୀନ ଟ୍ରିବ୍ୟୁନାଲ(ଏନଜିଟି)ରେ ଛନ୍ଦି ହେବା ପରେ ବାଲି ଉତ୍ତୋଳନ ବନ୍ଦ ରହିଛି। ଏପରିକି ଅନ୍ୟ ସଇରାତଗୁଡ଼ିକର ନିଲାମ ପ୍ରକ୍ରିୟା ହୋଇଥିଲେ ମଧ୍ୟ ଭୁଲ ସର୍ଭେ ରିପୋର୍ଟ ଯୋଗୁ ତାହା ମଧ୍ୟ ଅଟକି ରହିଛି। ଏହାର ସୁଯୋଗରେ ବାଲି ଚାଲାଣକାରୀଙ୍କ ଦୌରାତ୍ମ୍ୟ ବଢ଼ିଛି। ପ୍ରତିଦିନ ବେଆଇନ ଭାବେ ବୁଢ଼ାବଳଙ୍ଗ ନଦୀପଠାରୁ ବାଲି ଉତ୍ତୋଳନ କରାଯାଉଛି। ଏହାକୁ ରୋକିବା ପାଇଁ ବଡ଼ସାହି ରାଜସ୍ୱ ନିରୀକ୍ଷକ(ଆର୍ଆଇ)

### ବେଆଇନ ବାଲିଚାଲାଣ

ହୃଷିକେଶ ନାୟକ ଗତ ୧୨ ତାରିଖରେ ତଦନ୍ତ ପାଇଁ ନଦୀପଠାକୁ ଯାଇଥିଲେ। ଚକ୍ରଧରପୁର ଯିବା ବାଟରେ ଏକ ବାଲି ବୋଝେଇ ଟ୍ରାକ୍ଟରକୁ ଅଟକାଇବାରୁ ଜଗନ୍ନାଥ ବେହେରାଙ୍କ ସହ ଅନ୍ୟ ଦୁଇଜଣ ଏକ ବାଇକ୍‌ରେ ଆସି ଆର୍ଆଇଙ୍କ ବାଇକ୍‌ରୁ ଚାବି ନେଇ ଯାଇଥିଲେ। ପରେ ତାଙ୍କ ମୋବାଇଲ ଛଡ଼ାଇବାକୁ ଉଦ୍ୟମ କରିବା ସହିତ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରି ଧମକଚମକ ଦେଇଥିବା ଅଭିଯୋଗରେ ଦର୍ଶାଯାଇଛି। ଏହି ସମୟରେ ଟ୍ରାକ୍ଟର ଡ୍ରାଇଭର ରାସ୍ତା ଉପରେ ବାଲିକୁ ଓଜାଡ଼ି ଫେରାର ହୋଇଯାଇଥିଲା। ଆର୍ଆଇ ନାୟକ ସେଠାରୁ ଫେରିବା ବାଟରେ କୁଳିଅଣା ବାଲି ସଇରାତରେ ସୁମନ୍ତ ନାୟକ ଅନ୍ୟ ଏକ ଟ୍ରାକ୍ଟରରେ ବାଲି ବୋଝେଇ କରୁଥିବା ଦେଖିଥିଲେ। ଆର୍ଆଇ ଏ ସମ୍ପର୍କରେ ପଚରାଉଚରା କରିବାରୁ ଅଭିଯୁକ୍ତମାନେ ତାଙ୍କୁ ଆକ୍ରମଣ କରିବା ସହ ଧମକ ଚମକ ଦେଇଥିଲେ। ଏ ସମ୍ପର୍କରେ ଥାନାଧିକାରୀ ପ୍ରଭୁ କଲ୍ୟାଣ ଆଚାର୍ଯ୍ୟଙ୍କ ମତାମତ ମିଳିପାରି ନାହିଁ ।

# ଏବିଇଓ ଗଣିବେ ୧୫ ହଜାର ଡଣ୍ଡ

ବୈଶିଙ୍ଗା,୧୬।୧୧(ଡି.ଏନ.ଏ.)

ସୂଚନା ଅଧିକାର ଆଇନର ଉଲ୍ଲଂଘନ କାରଣରୁ ମୟୂରଭଞ୍ଜ ଜିଲା ବେତନଟୀ ବ୍ଲକ ଅତିରିକ୍ତ ଶିକ୍ଷା ଅଧିକାରୀ(ଏବିଇଓ)ଙ୍କୁ ୧୫ହଜାର ଟଙ୍କା ଡଣ୍ଡ ଗଣିବାକୁ ପଡ଼ିବ ବୋଲି ଜାଣିବାକୁ ମିଳିଛି।

ସୂଚନା ଅନୁଯାୟୀ, ନହଣ୍ଡାଶୋଳ ଗ୍ରାମର ସୂଚନା ଅଧିକାର କର୍ମୀ ରାଧାମୋହନ ମହାନ୍ତ ୨୦୨୦ ଜାନୁୟାରୀ ୧୫ରେ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରୁ ସିଆର୍‌ସିସିମାନଙ୍କୁ ଶିକ୍ଷାଦାନ ସମ୍ପର୍କିତ ଦାୟିତ୍ୱ ନିର୍ବାହ ନେଇ ସୂଚନା ଅଧିକାର

### ସୂଚନା ଅଧିକାର ଆଇନ ଉଲ୍ଲଂଘନ

ଆଇନ ବଳରେ ତଥ୍ୟ ମାଗିଥିଲେ। ମାତ୍ର ଧାର୍ଯ୍ୟ ସମୟ ମଧ୍ୟରେ କାର୍ଯ୍ୟାଳୟ ପକ୍ଷରୁ ତାଙ୍କୁ କୌଣସି ସୂଚନା ଦିଆଯାଇ ନ ଥିଲା। ଫଳରେ ସେ ପୁନର୍ବାର ତଥ୍ୟ ପାଇବା ପାଇଁ ଆବେଦନ କରିଥିଲେ ମଧ୍ୟ ତାଙ୍କୁ ସୂଚନା ଦିଆ ଯାଇ ନ ଥିଲା। ପରେ ବାଧହୋଇ ସେ ରାଜ୍ୟ ସୂଚନା କମିଶନରଙ୍କ ନିକଟରେ ଅଭିଯୋଗ କରିଥିଲେ। ସୂଚନା କମିଶନର ବିକ୍ରମ ସେନାପତି ତାଙ୍କ ଅଭିଯୋଗକୁ ଗ୍ରହଣ କରି ୨୦୨୨ ଜୁଲାଇ ୧୯ରେ ନିଜ ପକ୍ଷ ରଖିବା ପାଇଁ ବ୍ଲକ ଶିକ୍ଷା ଅଧିକାରୀଙ୍କ ଅନୁପସ୍ଥିତିରେ ଦାୟିତ୍ୱରେ ଥିବା ଏବିଇଓ ବଳରାମ ନାୟକଙ୍କୁ ନୋଟିସ ଜାରି କରିଥିଲେ। ତେବେ ସନ୍ତୋଷଜନକ କାରଣ ଦର୍ଶାଇ ନ ପାରିବାରୁ ଏବିଇଓ ନାୟକଙ୍କୁ ତୁରନ୍ତ ୧୫ହଜାର ଟଙ୍କା ରାଜ୍ୟ ରାଜକୋଷରେ ଜମା କରିବାକୁ କମିଶନର ନିର୍ଦ୍ଦେଶ ଦେଇଛନ୍ତି। ଏଥିରେ ବ୍ୟତିକ୍ରମ ହେଲେ ଏବିଇଓ ନାୟକଙ୍କ ଦରମାରୁ ୨ ମାସରେ ଦୁଇଟି କିସ୍ତିରେ ଏହି ଅର୍ଥରାଶି କାଟିରଖି ରାଜକୋଷରେ ଜମା କରିବାକୁ ଜିଲା ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ସୂଚନା ମିଳିଛି।

# ‘ରାଷ୍ଟ୍ର ଗଠନରେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ’

ବାଲେଶ୍ୱର ଅଫିସ/ଖଇରା/ ରୂପ୍‌ସା/ବସ୍ତା/ ସୋର/ ବାଲିଆପାଳ/ ନୀଳଗିରି/ ଜଳେଶ୍ୱର, ୧୬।୧୧(ଡି.ଏନ.ଏ.)

ବାଲେଶ୍ୱର ସହରସ୍ଥିତ ସଦ୍‌ଭାବନା ସଭାଗୃହରେ ଜିଲାସ୍ତରୀୟ ଜାତୀୟ ପ୍ରେସ ଦିବସ-୨୦୨୨ ବୁଧବାର ପାଳିତ ହୋଇଛି। ମୁଖ୍ୟଅତିଥି ଭାବେ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଯୋଗଦେଇ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ଭାବେ ଗଣମାଧ୍ୟମର ଭୂମିକା ଏକ ସମାଜ ମଙ୍ଗଳ ରାଷ୍ଟ୍ର ଗଠନରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ପ୍ରଶାସନର ତ୍ରୁଟି ବିଚ୍ୟୁତି ସୁଧାରିବାରେ ଏହା ସାହାଯ୍ୟ କରେ। ଗଣମାଧ୍ୟମର ରଚନାତ୍ମକ ସମାଲୋଚନା ପ୍ରଶାସନକୁ ଉତ୍ତମସେବା ଯୋଗାଇ ଦେବା ପାଇଁ ପ୍ରୋତ୍ସାହିତ କରେ ବୋଲି କହିଥିଲେ।

ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ ପ୍ରେସ ଦିବସ ପାଳନର ଇତିହାସ ଓ ଏହାର ଉଦ୍ଦେଶ୍ୟ ସମ୍ବନ୍ଧରେ ଆଲୋକପାତ କରିଥିଲେ। ଏହି ଅବସରରେ ଚଳିତବର୍ଷର ଆଲୋଚ୍ୟ ବିଷୟ, ‘ରାଷ୍ଟ୍ର ଗଠନରେ ଗଣମାଧ୍ୟମର ଭୂମିକା’ ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ମୁଖ୍ୟବକ୍ତା ଭାବେ ଫକୀରମୋହନ ସାହିତ୍ୟ ପରିଷଦ ସଭାପତି ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ ଯୋଗଦେଇ ବିଭିନ୍ନ ସମୟରେ ସମାଜର ପରିବର୍ତ୍ତିତ ପରିସ୍ଥିତିରେ ଗଣମାଧ୍ୟମ ରାଷ୍ଟ୍ର ଗଠନରେ ଏହାର ଅବଦାନ ମୂଳକ ଭୂମିକା ନିର୍ବାହ କରିଆସିଛି ବୋଲି କହିଥିଲେ। ସମ୍ମାନନୀୟ ଅତିଥି ଭାବେ ବାଲେଶ୍ୱର ଉପଜିଲାପାଳ ତଥା ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ଚୌହାନ କୁନାଲ ମୋତିରାମ ଯୋଗ ଦେଇଥିଲେ। ଖଇରା ସାମ୍ବାଦିକ ସଂଘ ଆନୁକୂଲ୍ୟରେ ସାମ୍ବାଦିକ ପ୍ରକୋଷ୍ଠରେ ଜାତୀୟ ପ୍ରେସ ଦିବସ ପାଳିତ ହୋଇଯାଇଛି। ସ୍ଥାୟୀ ସଭାପତି ଉତ୍କଳବନ୍ଧୁ ପଣ୍ଡାଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ଖଇରା ମହାବିଦ୍ୟାଳୟ ଅବସରପ୍ରାପ୍ତ ଅଧ୍ୟକ୍ଷ ପ୍ରଫେସର ଉମେଶ ଚନ୍ଦ୍ର ନାୟକ ମୁଖ୍ୟଅତିଥି, ଗୋପାଳପୁର ମହାବିଦ୍ୟାଳୟ ଅଧ୍ୟାପକ ଡଃ ଅଭୟ କୁମାର ମହାନ୍ତି ମୁଖ୍ୟବକ୍ତା ଭାବେ ଯୋଗଦେଇ ଗୁଣାତ୍ମକ ତଥ୍ୟ ଭିତ୍ତିକ ଖବର ପରିବେଷଣ ପାଇଁ ଖବରଦାତାମାନେ ଜ୍ଞାନ ଆହରଣ କରିବା ଆବଶ୍ୟକ ବୋଲି କହିଥିଲେ। ବରିଷ୍ଠ ଖବରଦାତା କୈଳାସ ଦାସ ଓ ଗୟାଧର ତ୍ରିପାଠୀ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇ ଖବର ପରିବେଷଣ ପାଇଁ ଗଣମାଧ୍ୟମ ପ୍ରତିନିଧିମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ । ସଂଘ ଉପସଭାପତି ତପୋଧନ ବାରିକ ମଞ୍ଚ ପରିଚାଳନା କରିଥିବା ବେଳେ ସାଧାରଣ ସମ୍ପାଦକ ବଳରାମ ଲେଙ୍କା ଧନ୍ୟବାଦ ଅର୍ପଣ କରିଥିଲେ। ବସ୍ତା ପ୍ରେସ କ୍ଲବ ପକ୍ଷରୁ ବାହାର୍ଦ୍ଧା ଡାକବଙ୍ଗଳାଠାରେ ଜାତୀୟ ପ୍ରେସ ଦିବସ ପାଳିତ ହୋଇଯାଇଛି। ପ୍ରେସ କ୍ଲବ ସଭାପତି ବାଞ୍ଛାନିଧି ଦେ ଏଥିରେ ଅଧ୍ୟକ୍ଷତା କରି ସମାଜର ହିତ ପାଇଁ ସର୍ବଦା ଖବର ପରିବେଷଣ କରୁଥିବା ଗଣମାଧ୍ୟମ ପ୍ରତିନିଧିଙ୍କ ସୁରକ୍ଷା, ନିରାପତ୍ତା ଦିଗରେ ସରକାର ଗୁରୁତ୍ୱ ଦେବା ଉଚିତ୍ ବୋଲି କହିଥିଲେ। ମୁଖ୍ୟଅତିଥି ଶାନ୍ତିଲତା କଲେଜ ଅଧ୍ୟକ୍ଷ ପ୍ରାଧ୍ୟାପକ ମନୋରଞ୍ଜନ ବେହେରା, ମୁଖ୍ୟବକ୍ତା ଫକୀରମୋହନ ସାହିତ୍ୟ ପରିଷଦର ଯୁଗ୍ମ ସମ୍ପାଦିକା କଲ୍ୟାଣୀ ନନ୍ଦ ଯୋଗଦେଇ ଗଣମାଧ୍ୟମ ଦ୍ୱାରା ରାଷ୍ଟ୍ରର ବିକାଶ ସମ୍ଭବ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନନୀୟ ଅତିଥି ଭାବେ ଅଧ୍ୟାପକ ଗୌରାଙ୍ଗ ପଣ୍ଡା, ଚାଇଲ୍ଡଲାଇନ ମୁଖ୍ୟ ପ୍ରଶାନ୍ତ କୁମାର ରାଉତ, ଶିକ୍ଷକ ଦିଲ୍ଲୀପ କୁମାର ଭୂୟାଁ, ସାମାଜିକ କର୍ମୀ ସୁମନ୍ତ କୁମାର ଜେନା ପ୍ରମୁଖ ମଞ୍ଚାସୀନ ଥିଲେ। ସମ୍ପାଦକ ବ୍ରଜମୋହନ ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। ଉପଦେଷ୍ଟା ଶିରୀଶ ମହାନ୍ତି, ଉମାକାନ୍ତ ମହାନ୍ତି ଓ ରଞ୍ଜନ ବେହେରା, ଉପସଭାପତି ମନୀଷ ରାଇମଗିଆ ପ୍ରମୁଖ ଗଣମାଧ୍ୟମ ପ୍ରତିନିଧିଙ୍କ ସମସ୍ୟାର ସମାଧାନ ଓ ସୁବ୍ୟବସ୍ଥା ପାଇଁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସୋର ପ୍ରେସକ୍ଲବ ପକ୍ଷରୁ ପ୍ରେସ କ୍ଲବର ସଭାପତି ଗୌରୀଶଙ୍କର ଘଡ଼ାଇଙ୍କ ପୌରୋହିତ୍ୟରେ ସଭା ଅନୁଷ୍ଠିତ ହୋଇଥିଲା। ସେହିପରି ବାଲିଆପାଳ ପ୍ରେସ କ୍ଲବ, ‘ଉତ୍କଳ ସାମ୍ବାଦିକ ସଂଘ’ ନୀଳଗିରି ଶାଖା ଓ ଜଳେଶ୍ୱର ଶାଖା ପକ୍ଷରୁ ପ୍ରେସ ଦିବସ ପାଳନ କରାଯାଇଛି।


ବାଲେଶ୍ୱର ଜିଲାସ୍ତରୀୟ ଜାତୀୟ ପ୍ରେସ ଦିବସ ପାଳନ ଅବସରରେ ଜିଲାପାଳ ଓ ଅନ୍ୟମାନେ।

# ଖପରାଖାଇକୁ ହରାଇ ତିଆଡ଼ିପଶି ଚାମ୍ପିୟନ

କେନ୍ଦୁଝର,୧୬।୧୧(ସ୍ୱ.ପ୍ର)

### ଆଦିବାସୀ ଯୁବକ ସଂଘ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

କେନ୍ଦୁଝର ସଦର ବ୍ଲକ୍ ଅନ୍ତର୍ଗତ କାଉଁରୀକଳା ପଞ୍ଚାୟତ ଖୁଣ୍ଟାପଡ଼ା ଗ୍ରାମରେ ଆଦିବାସୀ ଯୁବକ ସଂଘ ପକ୍ଷରୁ ନବମ ବାର୍ଷିକ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ୬ ଟି ଦଳ ଅଂଶ ଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚରେ ଖପରାଖାଇକୁ ହରାଇ ତିଆଡ଼ିପଶି ଚାମ୍ପିୟନ ବିବେଚିତ ହୋଇଛି। ଖପରାଖାଇ ପ୍ରଥମେ ବ୍ୟାଟିଂ କରି ୧୨ ଓଭରରେ ମୋଟ ୮୬ ରନ୍ ସଂଗ୍ରହ କରିଥିଲା। ତିଆଡ଼ିପଶି(ଚତ୍ରିସାହି) ଏହି ରନ୍‌କୁ ପିଛା କରି ୧୧ ଓଭରରେ ବିଜୟ ଲାଭ କରିଥିଲା। ଟୁର୍ଣ୍ଣାମେଣ୍ଟର ବିଜୟ ଦଳକୁ କମିଟି ପକ୍ଷରୁ ୪ ହଜାର ଟଙ୍କା ସହିତ ଟ୍ରଫି ଏବଂ ରନର୍ସଅପ୍ ଦଳକୁ ୨୫ ଶହ ଟଙ୍କା ସହିତ ଟ୍ରଫି ପ୍ରଦାନ କରାଯାଇଥିଲା। ପ୍ରଦୀପ ମୁଣ୍ଡା, ଦନେଇ ମୁଣ୍ଡା ଖେଳ ପରିଚାଳନା କରିଥିଲେ। କମିଟି ପକ୍ଷରୁ ସହଦେବ ମୁଣ୍ଡା ଏବଂ ତୁଳସୀ ମହାନ୍ତ ସହଯୋଗ କରିଥିଲେ।


ବିଜେତା ଦଳର କ୍ରୀଡ଼ାବିତ୍।

ସେଲ୍ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
balasoreselfie@gmail.com


@ଦିବ୍ୟଜ୍ୟୋତି


@ସୋନୁ


@ପୃଥ୍ୱୀରାଜ


@ପ୍ରଭାତ


@ପ୍ରଣୟ

ସେଲ୍ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଉଲ୍ଲେଖ କରନ୍ତୁ।

# ୧୮ରୁ ରାଜ୍ୟସ୍ତରୀୟ ବଲ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା

ବାଲେଶ୍ୱର ଅଫିସ, ୧୬।୧୧

ବାଲେଶ୍ୱର ଜିଲା ବଲ୍ ବ୍ୟାଡମିଣ୍ଟନ ଆସୋସିଏଶନ ଆନୁକୂଲ୍ୟରେ ଆସନ୍ତା ୧୮ ତାରିଖରୁ ଆରମ୍ଭ ହେବାକୁ ଥିବା ୩୦ତମ ରାଜ୍ୟସ୍ତରୀୟ ସିନିୟର ବର୍ଗ ବଲ୍ ବ୍ୟାଡମିଣ୍ଟନ ଚାମ୍ପିୟନଶିପ୍ ପାଇଁ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ସହର ଉପକଣ୍ଠ ଶ୍ରୀନିକ୍ସ କଲେଜ ଅଫ ଇଞ୍ଜିନିୟରିଂ ପରିସରରେ ହେବାକୁ ଥିବା ଏହି ଚାମ୍ପିୟନଶିପ୍‌ର ରୂପରେଖ ସମ୍ପର୍କରେ ଆସୋସିଏଶନର କର୍ମକର୍ତ୍ତାମାନେ ସୂଚନା ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଶ୍ରୀନିକ୍ସ କଲେଜ ଅଫ୍ ଇଞ୍ଜିନିୟରିଂର ଅଧ୍ୟକ୍ଷ ଡ. ଯଶୋବନ୍ତ କୁମାର ମହାନ୍ତି, ବାଲେଶ୍ୱର ଜିଲା ବଲ ବ୍ୟାଡମିଣ୍ଟନ ଆସୋସିଏଶନ ସମ୍ପାଦକ ସତ୍ୟନାରାୟଣ ଦାସ, ସହସମ୍ପାଦକ ପ୍ରକାଶ ମହାନ୍ତି ଓ ଚନ୍ଦନ କୁମାର ଦାସ, କାର୍ଯ୍ୟକାରିଣୀ ସଦସ୍ୟ ତଥା ଜାତୀୟସ୍ତରୀୟ ରେଫରୀ ବିଶ୍ୱଜିତ ପଣ୍ଡା ଏବଂ କୋଷାଧ୍ୟକ୍ଷ ତଥା ଜାତୀୟସ୍ତରୀୟ ରେଫରୀ

### ଅଂଶଗ୍ରହଣ କରିବେ ୪୫୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ

ଫାଗୁରାମ ମାରାଣ୍ଡି ପ୍ରମୁଖ ଯୋଗଦେଇ ୧୮ ତାରିଖରୁ ଆରମ୍ଭ ହେଉଥିବା ଟୁର୍ଣ୍ଣାମେଣ୍ଟ ସମ୍ପର୍କରେ କହିଥିଲେ।

୧୭ ତାରିଖରେ ଓଡ଼ିଶାର ୨୫ଟି ଜିଲାରୁ ଉଭୟ ମହିଳା ଓ ପୁରୁଷ ଦଳରେ ୪୫୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ବାଲେଶ୍ୱରରେ ପହଞ୍ଚି ପଞ୍ଜୀକରଣ କରିବେ। ସମସ୍ତ ଖେଳାଳିଙ୍କ ପାଇଁ ଶ୍ରୀନିକ୍ସ କଲେଜ ଅଫ ଇଞ୍ଜିନିୟରିଂରେ ରହଣି ବ୍ୟବସ୍ଥା ହୋଇଛି। ୧୮ ତାରିଖ ସକାଳେ ଏହି ଚାମ୍ପିୟନଶିପ୍ ଉଦ୍‌ଘାଟନ ହେବ। ପ୍ରାୟ ୨୦୦ରୁ ଉର୍ଦ୍ଧ୍ୱ ଗେମ ସହ ସେମିଫାଇନାଲ ମ୍ୟାଚ୍ ପରେ ୨୦ ତାରିଖରେ ଉଭୟ ପୁରୁଷ ଓ ମହିଳା ବର୍ଗର ଫାଇନାଲ ମ୍ୟାଚ ଖେଳାଯିବ। ଏହି ଚାମ୍ପିୟନଶିପ୍‌ରୁ ମନୋନୀତ ଶ୍ରେଷ୍ଠ ଖେଳାଳିମାନେ ଆସନ୍ତା ଡିସେମ୍ବର ୨୫ରୁ କେରଳର କୋଲାମ ଜିଲାରେ ଅନୁଷ୍ଠିତ ହେବାକୁ ଥିବା ଜାତୀୟ ଚାମ୍ପିୟନ୍‌ଶିପ୍‌ରେ ଅଂଶଗ୍ରହଣ କରିବେ।

# ୭ରୁ କେନ୍ଦୁଝରରେ ଧାନ ସଂଗ୍ରହ

କେନ୍ଦୁଝର,୧୬।୧୧(ଡି.ଏନ୍.ଏ)

କେନ୍ଦୁଝର ଜିଲାରେ ୨୦୨୨-୨୩ ଖରିଫ ବର୍ଷର ଏଫ୍.ଏ.କ୍ୟୁ. ମାନର ଧାନ ସଂଗ୍ରହ ନିମନ୍ତେ ଜିଲାସ୍ତରୀୟ ଧାନ ସଂଗ୍ରହ କମିଟିର ବୈଠକ ବୁଧବାର ଦରବାର ହଲ୍‌ରେ ଅନୁଷ୍ଠିତ ହୋଇଯାଇଛି। ଆଗାମୀ ଡିସେମ୍ବର ୭ ତାରିଖରୁ କେନ୍ଦୁଝର ଓ ଚମ୍ପୁଆ ସବ୍‌ଡିଭିଜନ୍, ଡିସେମ୍ବର ୧୫ ରୁ ଘଷିପୁରା ଏବଂ ଡିସେମ୍ବର ୨୦ରୁ ହାଟଡିହୀ ଓ ଆନନ୍ଦପୁର ବ୍ଲକ୍‌ରେ ଧାନ ସଂଗ୍ରହ କେନ୍ଦ୍ରମାନଙ୍କରେ ଧାନ ସଂଗ୍ରହ ଆରମ୍ଭ ହେବ ଏବଂ ଧାନ ସଂଗ୍ରହ ଆଗାମୀ ଅପ୍ରେଲ୍ ମାସ ପର୍ଯ୍ୟନ୍ତ ଚାଲିବ ବୋଲି ଜିଲାପାଳ ଆଶିଷ ଠାକ୍‌ରେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ନିଷ୍ପତ୍ତି ହୋଇଥିଲା।

ଜିଲାପାଳ ଠାକ୍‌ରେ ରାଜ୍ୟ ସରକାରଙ୍କ ଧାନ ସଂଗ୍ରହ ନୀତି ସମ୍ପର୍କରେ ଆଲୋକପାତ କରି ଶୃଙ୍ଖଳିତ ଭାବେ ଧାନ ସଂଗ୍ରହ ପ୍ରକ୍ରିୟା ପରିଚାଳନା ନିମନ୍ତେ ଯୋଗାଣ, ସମବାୟ ଓ କୃଷି ବିଭାଗର ଅଧିକାରୀ ଏବଂ କର୍ମଚାରୀମାନଙ୍କ ମଧ୍ୟରେ ଉତ୍ତମ ସମନ୍ୱୟ ଉପରେ ଗୁରୁତ୍ୱାରୋପ କରିଥିଲେ। ଚାଷୀମାନଙ୍କର ପ୍ରାପ୍ୟ

### ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ

ସମବାୟ ବ୍ୟାଙ୍କ୍ ତଥା ଅନ୍ୟାନ୍ୟ ବ୍ୟାଙ୍କ୍ ତରଫରୁ ଅନ୍‌ଲାଇନ୍ ମାଧ୍ୟମରେ ଚାଷୀମାନଙ୍କ ବ୍ୟାଙ୍କ୍ ଆକାଉଣ୍ଟକୁ ସିଧାସଳଖ ପଠାଯିବ। ସେଥିପ୍ରତି ଯୋଗାଣ ଓ ସମବାୟ ବିଭାଗର ଅଧିକାରୀମାନେ ଯତ୍ନବାନ ହେବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଚଳିତବର୍ଷ ଅଧିକ ସଂଖ୍ୟକ ଚାଷୀ ପଞ୍ଜୀକୃତ କରିଥିବାରୁ ସପ୍ତାହରେ ୩ରୁ ୪ ଦିନ ଧାନକ୍ରୟ କରାଯିବା ପାଇଁ ସ୍ଥିରୀକୃତ କରାଯାଇଛି। ଚଳିତ ବର୍ଷ ପ୍ରଥମ ପର୍ଯ୍ୟାୟରେ ୧୪ ଲକ୍ଷ ୫୬ ହଜାର ୨୯ କ୍ୱିଣ୍ଟାଲ ଧାନ କିଣିବା ଲାଗି ଜିଲା ପାଇଁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି। ପାକ୍‌ସ (ସମବାୟ ସମିତି) ଜରିଆରେ ୮୯ଟି ଏବଂ ଲ୍ୟାମ୍ପସ୍ ଜରିଆରେ ୪୫ଟି କେନ୍ଦ୍ରରେ ଧାନ ସଂଗ୍ରହ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ସାଧାରଣ ଏଫ୍‌ଏକ୍ୟୁ ମାନ ଧାନର ମୂଲ୍ୟ କ୍ୱିଣ୍ଟାଲ ପ୍ରତି ୨୦୪୦/- ଧାର୍ଯ୍ୟ କରାଯାଇଥିବା ବେଳେ ଗ୍ରେଡ୍ ଏ ଧାନର ମୂଲ୍ୟ କ୍ୱିଣ୍ଟାଲ ପ୍ରତି ୨୦୬୦ ଟଙ୍କା ଧାର୍ଯ୍ୟ କରାଯାଇଛି ବୋଲି ବେସାମରିକ ଯୋଗାଣ ଅଧିକାରୀ ବସନ୍ତ ପଣ୍ଡା ସୂଚନା ଦେଇଥିଲେ।

ଆଲୋଚନାରେ ଘଷିପୁରା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ବଦ୍ରିନାରାୟଣ ପାତ୍ର, ଆନନ୍ଦପୁର ବିଧାୟକ ଭାଗୀରଥି ସେଠୀ, କେନ୍ଦୁଝର ବିଧାୟକ ମୋହନ ଚରଣ ମାଝୀ, ଜିଲା ପରିଷଦ ଅଧ୍ୟକ୍ଷା ସାଗରିକା ସାହୁ, ଅତିରିକ୍ତ ଜିଲାପାଳ ସୁଷମା ବିଲୁଙ୍ଗ, କେନ୍ଦୁଝର କେନ୍ଦ୍ରୀୟ ସମବାୟ ବ୍ୟାଙ୍କର ସଭାପତି କାନନବିହାରୀ ପଢ଼ି, କେନ୍ଦୁଝର ଉପଜିଲାପାଳ ରାମଚନ୍ଦ୍ର କିସ୍କୁ, ଆନନ୍ଦପୁର ଉପଜିଲାପାଳ ଅନୀଲ ସେଠୀ, ବେସାମରିକ ଯୋଗାଣ ଅଧିକାରୀ ବସନ୍ତ ପଣ୍ଡାଙ୍କ ସମେତ ଯୋଗାଣ ଓ ସମବାୟ ବିଭାଗର ଅଧିକାରୀ, ନିୟନ୍ତ୍ରିତ ବଜାର କମିଟିର ସମ୍ପାଦକ, ଏଫ୍‌ସିଆଇ କର୍ମକର୍ତ୍ତା, ମିଲର ଏବଂ ଚାଷୀ ପ୍ରତିନିଧିମାନେ ଅଂଶଗ୍ରହଣ କରିଥିଲେ।


ଦରବାର ହଲ୍‌ରେ ଅନୁଷ୍ଠିତ ବୈଠକରେ ଉପସ୍ଥିତ ଅଧିକାରୀମାନେ।

## ଟ୍ରକ୍ ଧକ୍କାରେ ଜଣେ ମୃତ

**ବଡ଼ବିଲ,(ସ୍ୱ.ପ୍ର.):** କେନ୍ଦୁଝର ଜିଲା ବଲାଣି ଓ ବଡ଼ବିଲ ଥାନା ସୀମା ମନ୍ଦିର ହଟିଂଛକ ନିକଟ ଆମ୍ବ ବାଗାନଠାରେ ବୁଧବାର ସନ୍ଧ୍ୟାରେ ଏକ ହାଇଭା ଟ୍ରକ୍ ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ଘଟଣାସ୍ଥଳରୁ ଟ୍ରକ୍ ଡ୍ରାଇଭର ଫେରାର ହୋଇଯାଇଥିବା ଜଣାପଡ଼ିଛି। ମୃତକ ଜଣେ ସୁରକ୍ଷା କର୍ମୀ ବୋଲି କୁହାଯାଉଥିବା ବେଳେ ପରିଚୟ ମିଳି ପାରିନାହିଁ। ବଡ଼ବିଲ ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛି।

## ସଂକ୍ଷେପରେ

### ପୋଲ ତଳୁ ଅର୍ଦ୍ଧଦଗ୍ଧ ମୃତଦେହ ଜବତ

**ରୂପସା/ବସ୍ତା, ୧୬।୧୧(ଡି.ଏନ.ଏ.):** ବାଲେଶ୍ୱର ୬୦ ନମ୍ବର ଜାତୀୟ ରାଜପଥର ସଦର ବ୍ଲକ ଅଧୀନ ହଳଦୀପଦା ବାଇପାସ୍ ନିକଟ ଏକ ପୋଲତଳୁ ବୁଧବାର ଜଣେ ଅଜଣା ଯୁବକଙ୍କ ଗଳିତ ମୃତଦେହ ଜବତ ହୋଇଛି। ମୃତଦେହ ଅଧାପୋଡ଼ା ଅବସ୍ଥାରେ ଥିବା ଦେଖିବାକୁ ମିଳିଥିଲା। ପାରିପାର୍ଶ୍ୱିକ ଅବସ୍ଥାରୁ ଯୁବକଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି। ଏହି ପୋଲରେ ବ୍ୟବହୃତ ଏକ ପାଇପ୍ ମୁହଁରେ ଏହି ଅର୍ଦ୍ଧଦଗ୍ଧ ମୃତଦେହ ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ବସ୍ତା ଥାନା ପୋଲିସକୁ ଖବର ଦେଇଥିଲେ। ବସ୍ତା ଏସ୍‌ଡିପିଓ ଜଳନ୍ଧର ଜାଲି, ଆଇଆଇସି ବାରିଣୀ ଦାସ ସଦଳବଳେ ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ଏହା ଏକ ଯୋଜନାବଦ୍ଧ ହତ୍ୟାକାଣ୍ଡ ବୋଲି ଅନୁମାନ କରାଯାଉଛି। ଏହି ହତ୍ୟାକାଣ୍ଡ ଅନ୍ୟତ୍ର ହୋଇଥିବା ବେଳେ ଏଠାରେ ଆଣି ମୃତଦେହକୁ ଫିଙ୍ଗାଯାଇଥିବା କୁହାଯାଉଛି। ମୃତକଙ୍କର କୌଣସି ପରିଚୟ ମିଳି ନ ଥିବା ବେଳେ ସେ ଜଣେ ଯୁବକ ବୋଲି ଅନୁମାନ କରାଯାଉଛି। ତଦନ୍ତ ପରେ ପ୍ରକୃତ ସତ୍ୟାସତ୍ୟ ଜଣାପଡ଼ିବ ବୋଲି ପୋଲିସ କହିଛି।

### ଜିଲା ଖାଉଟି ସୁରକ୍ଷା ପରିଷଦର ବୈଠକ

**ବାରିପଦା ଅଫିସ,୧୬।୧୧:** ମୟୂରଭଞ୍ଜ ଜିଲା ଖାଉଟି ସୁରକ୍ଷା ପରିଷଦର ଏକ ବୈଠକ ପ୍ରୟାସ ସମ୍ମିଳନୀ କକ୍ଷଠାରେ ବୁଧବାର ଅନୁଷ୍ଠିତ ହୋଇଛି। ଜିଲାପାଳ ତଥା ଜିଲା ଖାଉଟି ସୁରକ୍ଷା ପରିଷଦର ଅଧକ୍ଷ ବିନୀତ ଭରଦ୍ୱାଜ ଏଥିରେ ସଭାପତିତ୍ୱ କରିଥିଲେ। ଏହି ଅବସରରେ ଜିଲାରେ ଥିବା ସମସ୍ତ ପେଟ୍ରୋଲ ପମ୍ପଗୁଡ଼ିକର ଆନୁସଙ୍ଗିକ ବ୍ୟବସ୍ଥା ଯଥା ଶୌଚାଳୟ, ପାନୀୟ ଜଳ ଇତ୍ୟାଦିର ତଥ୍ୟ ସଂଗ୍ରହ କରିବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ବୈଧ ଓ ମାପ ଓଜନ ବିଭାଗ ଅଧିକାରୀ ଖାଉଟି ସୁରକ୍ଷା ସମ୍ବନ୍ଧୀୟ ବିଭାଗୀୟ କାର୍ଯ୍ୟାଧାରା ଉପରେ ଆଲୋକପାତ କରିଥିଲେ। ସେହିପରି ବ୍ୟାଙ୍କ, ସ୍ୱାସ୍ଥ୍ୟ, ବୀମା ସେବାରୁ ବଞ୍ଚିତ ହେଲେ ଖାଉଟି ବିବାଦ ପ୍ରତିକାର ବ୍ରାଞ୍ଚରେ ମାମଲା ଦରଜ କରାଯାଇ ପାରିବ ବୋଲି ସୂଚାଇ ଥିଲେ। ବୈଠକରେ ଜିଲା ପରିଷଦ ଅଧକ୍ଷା ଭାରତୀ ହାଁସଦା, ମୋରଡ଼ା ବିଧାୟକ ରାଜକିଶୋର ଦାସ, ବାରିପଦା ବିଧାୟକ ପ୍ରକାଶ ସୋରେନ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ, ଜିଲା ଖାଉଟି ସୁରକ୍ଷା ବିବାଦ ପ୍ରତିକାର ମଞ୍ଚର ସଭାପତି,ଜିଲା ମୁଖ୍ୟ ଯୋଗାଣ ଅଧିକାରୀ, ଅତିରିକ୍ତ ଯୋଗାଣ ଅଧିକାରୀ,ଭାରତୀୟ ତୈଳ ନିଗମର ଜିଲା ସଂଯୋଜକ, ଖାଦ୍ୟ ନିରାପତ୍ତା ଅଧିକାରୀ ତଥା ଖାଉଟି ବିବାଦ ପ୍ରତିକାର ମଞ୍ଚର ସଦସ୍ୟ ସଦସ୍ୟାମାନେ ଉପସ୍ଥିତ ଥିଲେ।

### ବ୍ଲକ୍ ଅଫିସ, ବିଧାନସଭା ଘେରିବ ଶିକ୍ଷକ ମିଳିତ ମଞ୍ଚ

**ଚାନ୍ଦବାଲି,୧୬।୧୧(ଡି.ଏନ.ଏ.):** ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଶିକ୍ଷକ ମାରଣ ନୀତି ବିରୋଧରେ ଓଡ଼ିଶା ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଶିବ ଦୁର୍ଗା ଉଚ୍ଚ ବିଦ୍ୟାଳୟ ପରିସରରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଭାପତି ପ୍ରକାଶ ନାୟକଙ୍କ ନେତୃତ୍ୱରେ ଶିକ୍ଷକ ନେତା ପ୍ରଫୁଲ୍ଲ ଦାସ, ଅନୁପ ଦାସ, ସୁଶାନ୍ତ ମଲ୍ଲିକ, ନିକୁଞ୍ଜ କର, ଅଶୋକ ଦାସ, ପ୍ରଭାକର ସାମଲ, ଶ୍ରୀକାନ୍ତ ଦାସ, ନିରଞ୍ଜନ ସାହୁ ପ୍ରମୁଖ ଯୋଗଦେଇ ଶିକ୍ଷକ ଆନ୍ଦୋଳନ, ଶିକ୍ଷା ସମସ୍ୟା, ଶିକ୍ଷା ବ୍ୟବସ୍ଥା କେନ୍ଦ୍ରୀୟ ହାରରେ ବେତନ, ଚୁକ୍ତିଭିତ୍ତିକ ପ୍ରଥା ଉଚ୍ଛେଦ, ପିଛିଲା ଇନକ୍ରିମେଣ୍ଟ ପ୍ରଦାନ ଏବଂ ଜାତୀୟ ପେନସନ ଯୋଜନା ବଦଳରେ ପୁରୁଣା ପେନସନ ଲାଗୁ କରିବାକୁ ଦାବି ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଆସନ୍ତା ୧୯ରେ ବ୍ଲକ ଅଫିସ ଓ ୨୭ରେ ବିଧାନସଭା ଘେରାଉ କରାଯିବା ପାଇଁ ଆହ୍ୱାନ ଦେଇଥିଲେ।

# ସରୁନି କୁଆଁସ ସେତୁ ନିର୍ମାଣ

- ୧୦୦ମିଟର ବଦଳରେ ବୁଲିବାକୁ ପଡ଼ୁଛି ୨ କି.ମି.
- ସହରଠାରୁ ବିଚ୍ଛିନ୍ନ ହୋଇ ଦୁର୍ଦ୍ଦଶା ଭୋଗୁଛନ୍ତି ଲକ୍ଷାଧିକ ଲୋକ

**ଭଦ୍ରକ ଅଫିସ,୧୬।୧୧**



ଅର୍ଦ୍ଧନିର୍ମିତ ସେତୁ।

ସେତୁ ପ୍ରଶସ୍ତୀକରଣ ପାଇଁ ଭଦ୍ରକ ସହରକୁ ସଂଯୋଗ କରୁଥିବା କୁଆଁସ ସ୍ଥିତ ଅର୍ଜୁନ ସେତୁକୁ ଭାଙ୍ଗି ଦିଆଗଲା। ନୂତନ ସେତୁ ନିର୍ମାଣ ପାଇଁ ଶିଳାନ୍ୟାସକୁ ପ୍ରାୟ ୧ ବର୍ଷ ବିତିଯାଇଥିଲେ ମଧ୍ୟ କାର୍ଯ୍ୟ ଅଧା ହୋଇନାହିଁ। ଏହାକୁ ନେଇ ସହରଠାରୁ ବିଚ୍ଛିନ୍ନ ହୋଇ ଦୁର୍ଦ୍ଦଶା ଭୋଗୁଥିବା ଲକ୍ଷାଧିକ ଜନ ସାଧାରଣ ଏବେ ଭଦ୍ରକ ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କୁ ଘେରିବାକୁ ଯୋଜନା କରୁଥିବା ସୂଚନା ମିଳିଛି। ଭଦ୍ରକ ଥାନା ଛକ ନିକଟରେ ସାଳନ୍ଦୀ ନଦୀ ଉପରେ ନିର୍ମିତ ଏହି ସେତୁ କେବେ ସମ୍ପୂର୍ଣ୍ଣ ହେବ ତାହାକୁ ନେଇ ଉଠିଛି ପ୍ରଶ୍ନବାଚୀ। ୨୦୨୩ ମାର୍ଚ୍ଚ ସୁଦ୍ଧା ଏହି ସେତୁ ନିର୍ମାଣ ଶେଷ କରିବାକୁ ନିର୍ଦ୍ଦେଶ ରହିଥିଲା। କାର୍ଯ୍ୟର ଅବଧି ସରିବାକୁ ୪ମାସ ବାକି ଥିବା ବେଳେ ଏହା ଭିତରେ କାର୍ଯ୍ୟ ସମ୍ପୂର୍ଣ୍ଣ ହେବାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। କାର୍ଯ୍ୟରେ ଅହେତୁକ ବିଳମ୍ବ ହେଉଥିବାରୁ ସେତୁ ପାଇଁ ଆର୍ଥିକ ମଞ୍ଜୁରୀ ଦେଇଥିବା ବିଶ୍ୱବ୍ୟାଙ୍କ କର୍ତ୍ତୃପକ୍ଷ ମଧ୍ୟ ଗଭୀର ଚିନ୍ତା ପ୍ରକଟ କରିଛନ୍ତି। ରାଜନୈତିକ ଏବଂ ପ୍ରଶାସନିକ ତାଗିଦ ସତ୍ତ୍ୱେ ସେତୁ ନିର୍ମାଣକାରୀ ସଂସ୍ଥା କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଛନ୍ତି। କୁଆଁସ-ଭଦ୍ରକ ସହରକୁ ସଂଯୋଗ କରିବା ପାଇଁ ସାଳନ୍ଦୀ ନଦୀ ଉପରେ ଗତ ପ୍ରାୟ ୧୫ ବର୍ଷ ତଳେ ତତ୍କାଳୀନ କେନ୍ଦ୍ର ଜଳସମ୍ପଦ ମନ୍ତ୍ରୀ ସ୍ୱର୍ଗତ ଅର୍ଜୁନ ଚରଣ ସେଠୀଙ୍କ ସହଯୋଗ ଏବଂ ଆର୍ଥିକ ସହାୟତାରେ ଏଠାରେ ଅର୍ଜୁନ ସେତୁ ନାମରେ ଏକ କଂକ୍ରିଟ ସେତୁ ନିର୍ମାଣ କରାଯାଇଥିଲା। ଏହି ସେତୁ ନିର୍ମାଣ ପରେ କୁଆଁସ ମୌଜା ସହିତ ସହରର ପୂର୍ବ ପାର୍ଶ୍ୱରେ ରହୁଥିବା ଲକ୍ଷାଧିକ ଲୋକ ସହରକୁ ଆସିବା ପାଇଁ ଉପକୃତ ହୋଇଥିଲେ। ୨୦୨୧ରେ ସେତୁ ପ୍ରଶସ୍ତୀକରଣ ନାମରେ କାର୍ଯ୍ୟକ୍ଷମ ଥିବା ସେତୁକୁ ଭାଙ୍ଗି ଦେଇ ନୂତନ ସେତୁର ଶିଳାନ୍ୟାସ କରାଯାଇଥିଲା। ସେତୁର ସମ୍ପୂର୍ଣ୍ଣୀକରଣ ପାଇଁ ବିଶ୍ୱବ୍ୟାଙ୍କ ଅନୁଦାନ ୬ କୋଟି ୭୬ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏହି ସେତୁର ଶିଳାନ୍ୟାସ କରାଯାଇଥିଲା। ସେତୁ ନାମକରଣକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ଗୋଟିଏ ଗୋଷ୍ଠୀ ନୂତନ ସେତୁକୁ ପୂର୍ବଭଳି ଅର୍ଜୁନ ସେତୁ ରଖିବାକୁ ଜିଦ୍ କରିଥିବା ବେଳେ ଅନ୍ୟ ଗୋଷ୍ଠୀ ଏହାକୁ କୁଆଁସ ଅଥବା କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ନାମରେ ନାମିତ କରିବାକୁ ଅଡ଼ି ବସିଥିଲେ। ପରିସ୍ଥିତି ଜଟିଳ ହେବାରୁ ଶେଷରେ ବିନା ନାମରେ ସେତୁ ଶିଳାନ୍ୟାସ କରା ଯାଇଥିଲା। ଯାହାକି ଅଦ୍ୟାବଧି ବିବାଦୀୟ ହୋଇ ରହିଛି। ସହରଠାରୁ ମାତ୍ର ୧୦୦ ମିଟର ଦୂରତାରେ ଥିବା କୁଆଁସ ଅଞ୍ଚଳବାସୀଙ୍କୁ ସହରକୁ ଆସିବା ପାଇଁ ୨ କି.ମି.ରୁ ଊର୍ଦ୍ଧ୍ୱ ଦୂରତା ଅତିକ୍ରମ କରିବାକୁ ପଡୁଛି। ସ୍କୁଲ,କଲେଜକୁ ଆସୁଥିବା ଛାତ୍ରୀଛାତ୍ର, ଗୁରୁତର ରୋଗୀଙ୍କ ପାଇଁ ଯାତାୟାତରେ ସମସ୍ୟା ସୃଷ୍ଟି ହେଉଛି। ଏନେଇ ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ପରମାନନ୍ଦ ବେହେରା କହିଛନ୍ତି, ନଦୀରେ ପାଣି ଅଧିକ ଥିବାରୁ ନିର୍ମାଣରେ ବିଳମ୍ବ ହେଉଥିବା ନିର୍ମାଣକାରୀ ସଂସ୍ଥା ଜଣାଇଛନ୍ତି। ପାଣି କମିବା ପରେ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଇ ଖୁବଶୀଘ୍ର ସମ୍ପୂର୍ଣ୍ଣ କରାଯିବାକୁ ଲକ୍ଷ୍ୟ ରଖାଯାଇଛି।

## 'ରାଷ୍ଟ୍ର ଗଠନରେ ଖବରଦାତାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ'

### ଜାତୀୟ ପ୍ରେସ୍ ଦିବସ




ପ୍ରେସ୍ ଦିବସରେ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଓ ଅନ୍ୟମାନେ।

**ଭଦ୍ରକ ଅଫିସ, ୧୬।୧୧**

ଜିଲା ସଂସ୍କୃତି ଭବନରେ ଭଦ୍ରକ ଜିଲାସ୍ତରୀୟ ଜାତୀୟ ପ୍ରେସ ଦିବସ ବୁଧବାର ପାଳିତ ହୋଇଯାଇଛି। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଯୋଗଦେଇ ରାଷ୍ଟ୍ର ଗଠନରେ ଖବରଦାତାଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ବନ୍ଧରେ ଆଲୋକପାତ କରିବା ସହ ସତ୍ୟ ଓ ପ୍ରକୃତ ତଥ୍ୟ ଆଧାରରେ ଖବର ପରିବେଷଣ କରିବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଓଡ଼ିଆ ପ୍ରାଧ୍ୟାପକ କ୍ଷୀରୋଦ କୁମାର ସାମଲ ଯୋଗଦେଇ ରାଷ୍ଟ୍ର ଗଠନରେ ସାହିତ୍ୟ ଓ ସମ୍ବାଦର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଅବାଧ ଓ ନିରପେକ୍ଷ ଖବର ପରିବେଷଣ କରିବା ପାଇଁ ଖବରଦାତାମାନଙ୍କୁ ସୁରକ୍ଷାର ଆବଶ୍ୟକ ବୋଲି ବକ୍ତବ୍ୟରେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଖବରଦାତା ରାଜେନ୍ଦ୍ର କୁମାର ଜେନା, ଦୁର୍ଗାଶଙ୍କର ବିଶ୍ୱାଳ, ପ୍ରତାପ କୁମାର ଦାସ, ଗୌରହରି ନାୟକ, ଚାରୁଦତ୍ତ ନାୟକ, ରୂପକ ବିହାରୀ ରାୟ, ଦୀଲିପ ଖୁଣ୍ଟିଆ ପ୍ରମୁଖ ବକ୍ତବ୍ୟ ରଖିଥିଲେ।

## 'ଗଣମାଧ୍ୟମ ବିନା ପ୍ରଗତି ଅସମ୍ଭବ'

**ବାରିପଦା ଅଫିସ/କରଞ୍ଜିଆ/ ଗୋପବନ୍ଧୁ ନଗର ୧୬।୧୧ (ଡି.ଏନ.ଏ.)**

ମୟୂରଭଞ୍ଜ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରସ୍ଥିତ ଫେସିଲିଟେସନ ସେଣ୍ଟରରେ ଜାତୀୟ ପ୍ରେସ୍ ଦିବସ-୨୦୨୨ ପାଳିତ ହୋଇଯାଇଛି। ଜିଲାପାଳ ବିନୀତ ଭରଦ୍ୱାଜ ଏଥିରେ ଅଧକ୍ଷତା କରିଥିଲେ। ଏହି ଅବସରରେ ରାଷ୍ଟ୍ର ନିର୍ମାଣରେ ଗଣମାଧ୍ୟମର ଭୂମିକା ଉପରେ ଆଲୋଚନା ହୋଇଥିଲା। ସାମ୍ପ୍ରତିକ ପରିସ୍ଥିତିରେ ଗଣମାଧ୍ୟମ ସମାଜରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି। ଏହାର ଅନୁପସ୍ଥିତିରେ ପ୍ରଗତି ଅସମ୍ଭବ ବୋଲି ଜିଲାପାଳ ଭରଦ୍ୱାଜ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ରୁଦ୍ର ନାରାୟଣ ମହାନ୍ତି, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଦୌଲତ ଚନ୍ଦ୍ରକାର, ଅତିରିକ୍ତ ଜିଲା ଆରକ୍ଷୀ ଅଧୀକ୍ଷକ ସୁରେଶ ଚନ୍ଦ୍ର ପାତ୍ର ଅତିଥିଭାବେ ଯୋଗ ଦେଇଥିଲେ। ଏଥିରେ ବିଭିନ୍ନ ଗଣମାଧ୍ୟମର ଜିଲା ତଥା ବ୍ଲକ ପ୍ରତିନିଧିମାନେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତି ପରିଚାଳନା କରିଥିଲେ।

କରଞ୍ଜିଆ ପ୍ରେସ୍ କ୍ଲବ ପକ୍ଷରୁ ଦିବସ ବ୍ୟାପି ଜାତୀୟ ପ୍ରେସ ଦିବସ ପାଳିତ ହୋଇଯାଇଛି। ପୂର୍ବାହ୍ନରେ ସ୍ଥାନୀୟ ସବ୍‌ଜେଲର ଅନ୍ତେବାସୀମାନଙ୍କୁ କମ୍ବଳ ପ୍ରଦାନ କରାଯାଇଥିଲା। ଜେଲ ପରିସରରେ ପ୍ରେସ୍ କ୍ଲବ ସଭାପତି ଧରଣୀଧର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଏକ ସଭା ଆୟୋଜନ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ପାଞ୍ଚପୀଢ ଉପଜିଲାପାଳ ପ୍ରେମାଂଶୁ ଚାନ୍ଦ, ସମ୍ମାନିତ ଅତିଥିଭାବେ କରଞ୍ଜିଆ ପିଏ ଆଇଟିଡିଏ ଦେବଦତ୍ତ ମହାନ୍ତ, ଡିଏଫଓ ଶ୍ରୀକାନ୍ତ ନାଏକ, ବିଡିଓ ହୃଦାନନ୍ଦ ଓଡା, ବରିଷ୍ଠ ଖବରଦାତା ଉମା ଶଙ୍କର ଦାସ ପ୍ରମୁଖ ଯୋଗ ଦେଇଥିଲେ। ପ୍ରେସ୍ କ୍ଲବ ସମ୍ପାଦକ କର୍ଣ୍ଣାର୍ଜୁନ ସାହା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମଧ୍ୟାହ୍ନରେ ପ୍ରେସ୍ କ୍ଲବ ପରିସରରେ ଆୟୋଜିତ ସଭାରେ ଅତିଥିଭାବେ କମଳ ଲୋଚନ ସାହା, ଏମ୍ଡି ନାଶିର ଯୋଗଦେଇ କରଞ୍ଜିଆର ସମସ୍ତ ଖବରକାଗଜ ବିତରକମାନଙ୍କୁ କମ୍ବଳ ପ୍ରଦାନ କରିବା ସହିତ ଚାରାରୋପଣ କରିଥିଲେ। ସମସ୍ତ କାର୍ଯ୍ୟକ୍ରମରେ ଜେଲ ଅଧୀକ୍ଷକ ପ୍ରଦୀପ୍ତ ମହାଳିକ, ସହ ଅଧୀକ୍ଷକ ଖାଡ଼େଶ୍ୱର ବେହେରା ଉପସ୍ଥିତ ଥିଲେ।

ସେହିପରି ଗୋପବନ୍ଧୁ ନଗର ବ୍ଲକ ପ୍ରେସ୍ କ୍ଲବ ପକ୍ଷରୁ କୁଆମରା ଉଚ୍ଚ ବିଦ୍ୟାଳୟ ପରିସରରେ ଜାତୀୟ ପ୍ରେସ୍ ଦିବସ ପାଳିତ ହୋଇଯାଇଛି। ପ୍ରେସ୍ କ୍ଲବର ସଭାପତି ନିମାଇଁ ପ୍ରସାଦ ଦାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଅଧାପକ କରୁଣାକର ମହାପାତ୍ର, ମୁଖ୍ୟବକ୍ତା ଟିକାୟତପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରବୀନ୍ଦ୍ର ନାଥ ସେଠୀ ଓ ବିଶିଷ୍ଟ ଅତିଥି ସାମାଜିକ କର୍ମୀ ଭଗବାନ ନାୟକ ଯୋଗଦେଇ ସମାଜରେ ସାମ୍ବାଦିକମାନଙ୍କର ଭୂମିକା ଓ କର୍ତ୍ତବ୍ୟ ବୋଧତା ଉପରେ ଆଲୋକପାତ କରିଥିଲେ। ସମ୍ପାଦକ ଡ. କୁମାର ବାବୁଲି ଧନ୍ୟବାଦ ଅର୍ପଣ କରିଥିବା ବେଳେ ଶିକ୍ଷକ ବଙ୍କିମ ଚନ୍ଦ୍ର ବାରିକ ମଞ୍ଚ ପରିଚାଳନା କରିଥିଲେ।




ବାରିପଦାଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲାପାଳ ବିନୀତ ଭରଦ୍ୱାଜ ଓ ଅନ୍ୟମାନେ।

# ଇପିଏଫ୍ ପେନ୍‌ସନଧାରୀଙ୍କ ବିକ୍ଷୋଭ




ଜିଲାପାଳଙ୍କ ଅଫିସ୍ ସମ୍ମୁଖରେ ପେନ୍‌ସନଧାରୀଙ୍କ ବିକ୍ଷୋଭ।

**ବାଲେଶ୍ୱର ଅଫିସ, ୧୬।୧୧**

କେନ୍ଦ୍ର ସରକାରଙ୍କ ଦ୍ୱାରା ପରିଚାଳିତ ଇପିଏଫ୍ ସଂସ୍ଥାର ଓଡ଼ିଶା ରାଜ୍ୟ କମିଟି ଆହ୍ୱାନରେ ବାଲେଶ୍ୱର ଜିଲାର ପେନସନ୍‌ଧାରୀମାନେ 'ଦାବି ଦିବସ' ପାଳନ କରିଛନ୍ତି। ଏହି ଅବସରରେ ବିଭିନ୍ନ ଦାବି ନେଇ ବୁଧବାର ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରି ଜିଲାପାଳଙ୍କ ଫାଟକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏକ ପ୍ରତିନିଧି ଦଳ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଡେପୁଟି ଜିଲାପାଳ ଆନନ୍ଦ ଚନ୍ଦ୍ର ସେଠୀଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଜିଲା ସଙ୍ଗଠନ ସଭାପତି ଇଂ. ଅନାଦି ଚରଣ ବେହେରା ତତ୍ତ୍ୱାବଧାନରେ ଶତାଧିକ ପେନସନଧାରୀ ନିଜର ଦାବି ସମ୍ପର୍କରେ ଦୀର୍ଘଦିନ ଧରି ଆନ୍ଦୋଳନ କରିଆସୁଥିଲେ ମଧ୍ୟ କେନ୍ଦ୍ର ସରକାର ଏହାକୁ ଭ୍ରୁକ୍ଷେପ କରୁ ନ ଥିବାରୁ ଆନ୍ଦୋଳନ ତୀବ୍ରତର ହେଉଛି। ଦାବିଗୁଡ଼ିକ ମଧ୍ୟରେ ମାସିକ ପେନସନ୍ ସର୍ବନିମ୍ନ ୯ହଜାର ଟଙ୍କା, ଅଧିକ ବେତନକୁ ଅଧିକ ପେନ୍‌ସନ୍, ମାସିକ ପେନସନ୍ ସହ ମହଙ୍ଗାଭତ୍ତା ଓ ଓଡ଼ିଶାରେ ଇପିଏଫ୍ ପେନସନ୍‌ଭୋଗୀଙ୍କୁ ବିଜୁ ସ୍ୱାସ୍ଥ୍ୟସେବା ଯୋଜନାଭୁକ୍ତ କରିବା ସାମିଲ ରହିଛି। ଏହି ଦାବିଗୁଡ଼ିକ ପୂରଣ ପାଇଁ ଆସନ୍ତା ଡିସେମ୍ବର ୭, ୮ ଓ ୯ ତାରିଖରେ ସଂସଦ ଭବନ ସମ୍ମୁଖରେ ବିକ୍ଷୋଭ ସମାବେଶ ପାଇଁ ଜାତୀୟସ୍ତରରେ ନିଷ୍ପତ୍ତି ଗ୍ରହଣ କରାଯାଇଛି ବୋଲି ବିକ୍ଷୋଭସ୍ଥଳରେ କର୍ମକର୍ତ୍ତାମାନେ ପ୍ରକାଶ କରିଥିଲେ। ସମ୍ପାଦକ ବିଷ୍ଣୁପ୍ରସାଦ ମହାନ୍ତି, ଉପଦେଷ୍ଟା ଗୌରାଙ୍ଗ ପାଣିଗ୍ରାହୀଙ୍କ ସମେତ ବିଭିନ୍ନ ଘରୋଇ ଶିଳ୍ପସଂସ୍ଥା ଓ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ଦ୍ୱାରା ପରିଚାଳିତ ବିଭିନ୍ନ ନିଗମ, କେନ୍ଦ୍ର ସମବାୟ ବ୍ୟାଙ୍କ ପକ୍ଷରୁ ଜଳଧର ପଣ୍ଡା ପ୍ରମୁଖ ଶୋଭାଯାତ୍ରା ଓ ବିକ୍ଷୋଭରେ ନେତୃତ୍ୱ ନେଇଥିଲେ।

## ସ୍ୱାସ୍ଥ୍ୟକେନ୍ଦ୍ର ପରିସରରୁ ବେଆଇନ ବାଲି ଉଠାଣ

### ରାଜସ୍ୱ କମିଶନର, ଜିଲାପାଳଙ୍କ ନିକଟରେ ଅଭିଯୋଗ

**ଚାନ୍ଦବାଲି,୧୬।୧୧(ଡି.ଏନ.ଏ.)**

ଭଦ୍ରକ ଚାନ୍ଦବାଲି ବ୍ଲକ ଅଧୀନ ଘଣ୍ଟେଶ୍ୱର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରୁ ବେଆଇନ ବାଲି ଉଠାଣ ହେଉଛି। ଏନେଇ ସ୍ଥାନୀୟ ବାସିନ୍ଦା ରାଜସ୍ୱ ଅଧିକାରୀ ଓ ତହସିଲଦାରଙ୍କ ନିକଟରେ ଅଭିଯୋଗ କରିବା ପରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆ ନ ଯିବାରୁ ଜିଲାପାଳ ଓ ରାଜସ୍ୱ କମିଶନରଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ମୁତାବକ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ସରକାରଙ୍କ ପକ୍ଷରୁ ଏକ ନୂତନ ଗୃହର କାର୍ଯ୍ୟ ଚାଲୁ ରହିଥିବା ବେଳେ ଉକ୍ତ ଗୃହରେ ବାଲି ଫିଲିଙ୍ଗ ପାଇଁ ରହିଥିବା ବାଲିକୁ ସମ୍ପୃକ୍ତ ଠିକାଦାର ସ୍ୱାସ୍ଥ୍ୟକେନ୍ଦ୍ର ପରିସର ମଧ୍ୟରୁ ଉଠାଣ କରିଥିଲେ। ସରକାରୀ ଅଟକଳରେ ଠିକା ସଂସ୍ଥା ବାହାରୁ ବାଲି କିଣି ଫିଲିଙ୍ଗ କରିବା କଥା ହେଲେ ଶାସକ ଦଳର ସମ୍ପୃକ୍ତ ଠିକାଦାର ହୋଇ ଥିବାରୁ ସରକାରୀ ନିୟମ ଉଲ୍ଲଙ୍ଘନ କରି ସ୍ୱାସ୍ଥ୍ୟକେନ୍ଦ୍ର ପରିସର ମଧ୍ୟରୁ ବାଲି ଉଠାଣ କରୁଛନ୍ତି। ଏନେଇ ସ୍ଥାନୀୟ ବାସିନ୍ଦା ବିରୋଧ କରି ଅଭିଯୋଗ କରିଛନ୍ତି।

## ଜାତୀୟ ପ୍ରେସ୍ ଦିବସ

**ପଦ୍ମପୁର,୧୬।୧୧(ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ୍ ଅଧୀନ ପ୍ରେସ୍ କ୍ଲବ ପରିସରରେ ବୁଧବାର ଜାତୀୟ ପ୍ରେସ ଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବାସୁଦେବପୁର ପୌର ନିର୍ବାହୀ ଅଧିକାରୀ ମାନସ ଦଣ୍ଡପାଟ, ଅନ୍ୟତମ ଅତିଥି ଭାବେ ଆଇନଜୀବୀ ପ୍ରଦୀପ ମହାନ୍ତି, ସାମାଜିକକର୍ମୀ ମମତା ଜେନା ପ୍ରମୁଖ ଯୋଗଦେଇଥିଲେ। ପ୍ରେସ କ୍ଲବ୍‌ର ସଭାପତି ରମାକାନ୍ତ ବାରିକ ସଭାପତିତ୍ୱ କରିଥିଲେ। କାର୍ଯ୍ୟକାରୀ ସଭାପତି କାଳିପଦ ରାୟ, ସମ୍ପାଦକ ନୀରଦ ଦାସ, ସହସମ୍ପାଦକ ତ୍ରୈଲୋଚନ ସାହୁ, ଉପସଭାପତି ସତ୍ୟକାନ୍ତ ନାୟକ, କୀରିଟ ଦାସ, ପ୍ରଦୀପ୍ତ ମହାନ୍ତି, କରୁଣାନନ୍ଦ ମହାନ୍ତି, ପ୍ରଶାନ୍ତ ଦାସ, ବୃନ୍ଦାବନ ନାୟକ, ଦେବାଶିଷ ଦାସ, ଗୌତମ ଦେ, ସୂର୍ଯ୍ୟଦେବ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ରଞ୍ଜନ ନାୟକ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଲକ୍ଷ୍ମୀକାନ୍ତ ନାଥ ଧନ୍ୟବାଦ ଅର୍ପଣ କରିଥିଲେ।

# 'ଶିକ୍ଷା କୁସଂସ୍କାର ଦୂରେଇପାରିବ'

**ଯୋଡା,୧୬।୧୧(ଡି.ଏନ.ଏ)**

କେନ୍ଦୁଝର ଜିଲା ଯୋଡ଼ାଠାରେ ବୀର ବିର୍ସା ମୁଣ୍ଡାଙ୍କ ୧୪୭ତମ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି। ଟାଟା ଷ୍ଟିଲ କେନ୍ଦ୍ରୀୟ ଖେଳ ପଡ଼ିଆଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପଦ୍ମଶ୍ରୀ ଡଃ. ତୁଳସୀ ମୁଣ୍ଡା ଯୋଗଦେଇ ଆଦିବାସୀମାନେ ଶିକ୍ଷା ଲାଭ କରିବା ଦ୍ୱାରା କୁସଂସ୍କାରକୁ ଦୂରେଇ ଦିଆଯାଇପାରି। ଏଥିସହ ଏକ ସୁସ୍ଥ ଆଦିବାସୀ ସମାଜ ଗଠନ ହେବା ସହ ସେମାନଙ୍କର ଆର୍ଥିକ ମାନସିକ ବିକାଶ ଘଟିପାରିବ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ କେନ୍ଦୁଝର ସଦର ବିଧାୟକ ତଥା ପିଏସି କମିଟି ଅଧକ୍ଷ ମୋହନ ଚରଣ ମାଝୀ, ଯୋଡ଼ା ପୌରାଧକ୍ଷ ଡା. ଜଗଦିଶ୍ ପ୍ରସାଦ ସାହୁ, ଉପାଧକ୍ଷା ସନ୍ଧ୍ୟା ପାତ୍ର, ବିଶିଷ୍ଟ ଶିଳ୍ପପତି ବିନୋଦ ପଟ୍ଟନାୟକ, ବକ୍ତା ଭାବେ ସୁରେଶ ହେସା, ବଡ଼ବିଲ ଆଇନଜୀବୀ ରମେଶ ଲାଗୁରୀ, କେନ୍ଦୁଝର ମୂଳବାସୀ ମହିଳା ସଂଘର ବାସୁମତୀ ଭାରଜା, ଖବରଦାତା ଦୀପକ ଶତପଥି ପ୍ରମୁଖ ଉପସ୍ଥିତ ଥିଲେ। ସକାଳ ୯ଟା ସମୟରେ ଯୋଡ଼ାସ୍ଥିତ ଆଦିବାସୀ ହୋ ସମାଜ ପକ୍ଷରୁ ବିର୍ସା ମୁଣ୍ଡାଙ୍କ ଏକ ପ୍ରତିମୂର୍ତ୍ତି ସ୍ଥାପନ ନିମନ୍ତେ କଳାପାହଡ଼ ଛକଠାରେ ଭୂମି ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଯୋଡ଼ା ବ୍ଲକ୍‌ର ୧୯ ପଞ୍ଚାୟତ ଓ ପୌରପାଳିକାର ୧୪ ୱାର୍ଡର ୨ ହଜାରରୁ ଊର୍ଦ୍ଧ୍ୱ ଆଦିବାସୀ ସମ୍ପ୍ରଦାୟର ମହିଳା, ପୁରୁଷ ଯୋଗଦେଇଥିଲେ। କାର୍ଯ୍ୟକ୍ରମଟିକୁ ଆଦିବାସୀ ହୋ ସମାଜର ସଭାପତି ସଞ୍ଜିବ ମୁଣ୍ଡା (ଛୋଟରାୟ), ଉପସଭାପତି ରାଜେନ ମୁଣ୍ଡା, ସମ୍ପାଦକ ଜେନା ଗାଗରାଇ, ଯୁଗ୍ମ ସମ୍ପାଦକ ଗୋପାଳ ହେମ୍ବ୍ରମ, ମିଥୁନ ମୁଣ୍ଡା, କୁଲଟୁ ମୁଣ୍ଡା, ଦିନେଶ ମୁଣ୍ଡା ପ୍ରମୁଖ ପରିଚାଳନା କରିଥିଲେ।

## ଖାଦ୍ୟ ନିରାପତ୍ତା ବିଭାଗର ଚଢ଼ାଉ

**ଭଦ୍ରକ ଅଫିସ,୧୬।୧୧**

ଭଦ୍ରକ ସହର ଉପକଣ୍ଠ ରାଣୀତାଲ ଓ ଚରମ୍ପାରେ ବୁଧବାର ଖାଦ୍ୟ ନିରାପତ୍ତା ବିଭାଗ ପକ୍ଷରୁ ବିଭିନ୍ନ ହୋଟେଲ, ଢାବା,ବ୍ୟାକେରି ୟୁନିଟ୍‌ଗୁଡ଼ିକରେ ଚଢ଼ାଉ କରାଯାଇଥିଲା। ଖାଦ୍ୟ ନିରାପତ୍ତା ଆଇନ-୨୦୦୬ ଅବମାନନା କରିଥିବା ୨ ହୋଟେଲ ମାଲିକଙ୍କଠାରୁ ୧୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ବିଭାଗର ଡେଜିଗନେଟେଡ୍ ଅଧିକାରୀ ଡିଫିଏସ୍‌ଓ ଡା. ଭାରତୀ ରାଉତ, ଜିଲା ଖାଦ୍ୟ ନିରାପତ୍ତା ଅଧିକାରୀ ବିଭୁଦତ୍ତ ଦାସ, ଏମ୍‌ଟିଏସ୍‌ର ଅଧିକାରୀ ସୁଶାନ୍ତ ନନ୍ଦ ଓ କର୍ମଚାରୀମାନେ ଏହି ଚଢ଼ାଉରେ ସାମିଲ ଥିଲେ।

# ଭୀମ ଭୋଇ ସାମର୍ଥ୍ୟ ଅଭିଯାନ: ୧୦୨୦ ପଞ୍ଜୀକୃତ

**ଖଇରା, ୧୬।୧୧(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ହାଇସ୍କୁଲ ପରିସରରେ ବ୍ଲକ ସ୍ତରୀୟ ଏକାଦଶ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଅନୁଷ୍ଠିତ ହୋଇଯାଇଛି । ସିମୁଳିଆ ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଏହାକୁ ଉଦ୍‌ଘାଟନ କରିଥିଲେ । ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀଣି ସାଲିମା ରାଉତଙ୍କ ଆବାହକତ୍ୱରେ ଆୟୋଜିତ ଉଦ୍‌ଘାଟନୀ ସଭାରେ ବିଡିଓ ପର୍ଶୁରାମ ପଣ୍ଡା ପୌରୋହିତ୍ୟ କରିଥିଲେ। ଏଥିରେ ବିଧାୟକ ବକ୍ତବ୍ୟ ରଖି ଦିବ୍ୟାଙ୍ଗ ମାନଙ୍କୁ ମୁଖ୍ୟସ୍ରୋତରେ ସାମିଲ କରିବା ଆମ ସମସ୍ତଙ୍କର ଦାୟିତ୍ୱ ବୋଲି କହିଥିଲେ। ବ୍ଲକ ଅଧକ୍ଷା ଅଭିଲିପ୍ସା ସାହୁ, ଉପାଧକ୍ଷ ଗଜେନ୍ଦ୍ର ପରିଡା, ଜିଲା ପରିଷଦ ସଭ୍ୟା ରଶ୍ମିତା ମହାପାତ୍ର ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ମୋଟ ୧୦୨୦ଜଣ ନାମ ପଞ୍ଜିକୃତ କରିଥିବା ବେଳେ ୮୫୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଦିବ୍ୟାଙ୍ଗ ପ୍ରମାଣପତ୍ର ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ। ଗଗନ କୁମାର ଜେନା, ସଙ୍ଗୀତା ମୁଦୁଲି, ଶଶିକାନ୍ତ ଦାସଙ୍କ ସମେତ ବ୍ଲକର ସମସ୍ତ କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ। ବିଏସଏସଓ ସାଲିମା ରାଉତ ସମସ୍ତ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ।




ଉଦ୍‌ଘାଟନୀ ସଭାରେ ମଞ୍ଚାସୀନ ଅତିଥି।

# ୨ ଗୋଷ୍ଠୀ ମଧ୍ୟରେ ଟଣାଓଟରା

## ଟ୍ରକ୍ ମାଲିକ ସଂଘର ନିର୍ବାଚନ ପ୍ରସଙ୍ଗ

### ଆମରଣ ଅନଶନ ଜାରି

**କେନ୍ଦୁଝର,୧୬।୧୧(ଡି.ଏନ୍.ଏ.)**

କେନ୍ଦୁଝର ଜିଲା ଟ୍ରକ୍ ମାଲିକ ସଂଘର ନିର୍ବାଚନକୁ ନେଇ ବିବାଦ ଲାଗି ରହିଛି। ବର୍ତ୍ତମାନ ପରିସ୍ଥିତିରେ ମାଲିକ ସଂଘର ନିର୍ବାଚନକୁ ନେଇ ସପକ୍ଷବାଦୀ ଓ ବିପକ୍ଷବାଦୀଙ୍କ ମଧ୍ୟରେ ଛକାପଞ୍ଝା ଚରମ ସୀମାରେ ପହଞ୍ଚିଛି। କର୍ମକର୍ତ୍ତା ଓ ଆଶାୟୀ ପ୍ରାର୍ଥୀଙ୍କ ମଧ୍ୟରେ ଟଣାଓଟରା କୋର୍ଟ, ପ୍ରଶାସନ ନିକଟରେ ପହଞ୍ଚିଥିବା ବେଳେ କୌଣସି ସମାଧାନର ବାଟ ଫିଟିପାରୁନି। ଦାୟିତ୍ୱ ହସ୍ତାନ୍ତର ଦାବିରେ ଆଜକୁ ୧୭ ଦିନ ହେବ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମାଲିକମାନଙ୍କ ଅନଶନ ଜାରି ରହିଛି।

ସୂଚନାଯୋଗ୍ୟ, ଗତ ଅଗଷ୍ଟ ୯ ତାରିଖରୁ କର୍ମକର୍ତ୍ତାଙ୍କର କାର୍ଯ୍ୟକାଳ ସରିଥିଲେ ସୁଧା କର୍ମକର୍ତ୍ତାମାନେ ଟ୍ରକ୍ ମାଲିକଙ୍କ ବୈଧତା ଓ ଅନ୍ୟ ସଂଘରେ ସଭ୍ୟପଦ ଯାଞ୍ଚ ଆଳରେ ନିର୍ବାଚନ ଘୁଞ୍ଚାଇ ଚାଲିଛନ୍ତି। ଯାହାକୁ ନେଇ ଆଶାୟୀ ପ୍ରାର୍ଥୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ନିର୍ବାଚନ ପୂର୍ବରୁ ଉପଦେଷ୍ଟା ମଣ୍ଡଳୀଙ୍କୁ କାର୍ଯ୍ୟଭାର ହସ୍ତାନ୍ତର କରିବା ଦାବିକୁ ନେଇ ବିଗତ ୧୭ ଦିନ ହେବ କିଛି ଟ୍ରକ୍ ମାଲିକ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନରେ ବସିଛନ୍ତି। ଗତ ଅକ୍ଟୋବର ୨୭ତାରିଖରେ ହାଇକୋର୍ଟଙ୍କ ଏକ ଆଦେଶ ଓ ୨୮ରେ ଆଉ ଏକ ଆଦେଶରେ ଉପଦେଷ୍ଟା ମଣ୍ଡଳୀଙ୍କୁ ଦାୟିତ୍ୱ ହସ୍ତାନ୍ତର କରାଯିବାକୁ ନେଇ ଅତିରିକ୍ତ ଜିଲାପାଳଙ୍କର ଚିଠି ପରିସ୍ଥିତିକୁ ଉଷ୍ମ କରିଛି। ଚିଠିରେ ଆସନ୍ତା ୨୫ ସୁଦ୍ଧା କେନ୍ଦୁଝର ଜିଲା ଟ୍ରକ୍ ମାଲିକ ସଂଘର ନିର୍ବାଚନ କରି ଏହାର ଫଳାଫଳ ଜଣାଇବାକୁ ସଂଘର ପରାମର୍ଶଦାତାମଣ୍ଡଳୀଙ୍କୁ ନିର୍ଦ୍ଦେଶ ରହିଛି।

ଶୁଆକାଟୀ ଓଏମ୍‌ସି ଗନ୍ଧମାର୍ଦ୍ଦନ ଲୁହାଖଣିରେ ଟ୍ରକ୍ ଲୋଡିଂ କମି ଯାଇଥିବା ବେଳେ ଟ୍ରକ୍ ମାଲିକମାନେ ଋଣଗ୍ରସ୍ତ ହୋଇ ଦୁଶ୍ଚିନ୍ତାରେ ଦିନ ବିତାଉଛନ୍ତି। ଟ୍ରକ୍ ମାଲିକଙ୍କ ଦୁଃଖକୁ ହୃଦୟଙ୍ଗମ ନ କରି ନିଜ ନିଜର ସ୍ୱାର୍ଥ ପାଇଁ ଉଭୟ ଗୋଷ୍ଠୀ ଟଣାଓଟରା ହେଉଛନ୍ତି ବୋଲି ଟ୍ରକ ମାଲିକ ଅଭିନାଶ ଲୋହାନି ପ୍ରକାଶ କରିଛନ୍ତି। ଉପଦେଷ୍ଟା ମଣ୍ଡଳୀର ବରିଷ୍ଠ ସଦସ୍ୟ ଗୋପାଳ ଚନ୍ଦ୍ର ପରିଡ଼ାଙ୍କୁ ପଚାରିବାରୁ କର୍ମକର୍ତ୍ତାମାନେ ଦାୟିତ୍ୱ ହସ୍ତାନ୍ତର କଲେ ଯାଇ ନିର୍ବାଚନ ବାଟ ଫିଟିବ। ତାଙ୍କଠାରୁ ଦାୟିତ୍ୱ ଛଡ଼ାଇ ତ ଆଣି ହେବନାହିଁ ବୋଲି ସେ କହିଥିଲେ। ଅତିରିକ୍ତ ଜିଲାପାଳ ସୁଷମା ବିଲୁଙ୍ଗଙ୍କୁ ପଚାରିବାରୁ ହାଇକୋର୍ଟରେ ଏ ବାବଦରେ କେସ ଦାୟର ହୋଇଥିବାରୁ ପ୍ରଶାସନ କୌଣସି ମନ୍ତବ୍ୟ ଦେଇପାରିବ ନାହିଁ ବୋଲି ପ୍ରକାଶ କରିଥିଲେ।

